**ବିପଦର ବନ୍ଧୁ ପ୍ରକୃତ ବନ୍ଧୁ**

# ଅନ୍ତରଙ୍ଗ ଭାରତ

(ଶ୍ରୀ ମନୋଜ ଦାସଙ୍କ ରଚିତ ଅନ୍ତରଙ୍ଗ ଭାରତ ଦ୍ୱିତୀୟ ପର୍ଯ୍ୟାୟରୁ ସଂଗୃହୀତ)

ଅରଣ୍ୟର ଅଦୂରରେ ଜଣେ ରାଜାଙ୍କର ପ୍ରାସାଦ । ରାଜାଙ୍କର ବୋଧହୁଏ ବିଶେଷ କାମ ଦାମ ନଥିଲା । ଅତଏବ ଦୈନିକ ପୂର୍ବାହ୍ନରେ ସେ ମୃଗୟା କରିବାକୁ ଅରଣ୍ୟକୁ ଆସୁଥିଲେ । ସାଥିରେ ସୈନ୍ୟସାମନ୍ତଙ୍କ ସମେତ ଆସୁଥିଲେ ଶହ ଶହ ପ୍ରଜା । ପ୍ରଜାମାନେ ଅରଣ୍ୟର ଏକ ବ୍ୟାପକ ଅଂଶ ଘେରାଉ କରି ରାଜା ଓ ତାଙ୍କ ସୈନ୍ୟସାମନ୍ତ ଛକି ରହିଥିବା ଅଞ୍ଚଳ ଆଡ଼କୁ ମୃଗମାନଙ୍କୁ ତଡ଼ି ନେଇ ଯିବେ । ରାଜା ସ୍ୱୟଂ ଗୋଟାଏ ଯୋଡ଼ାଏ ମୃଗ ବଧ କରିବେ । ମୃଗ ମାଂସ ସକାଶେ ତାଙ୍କର ଲୋଭ ଅଦମ୍ୟ । ଅରଣ୍ୟର ଦ୍ୱାର ଦେଶରେ ପଡ଼ିଥିବା ଖଣ୍ଡିଏ ମସୃଣ ଶିଳା ଉପରେ ମୃତ ମୃଗଟି କଟାହେବା ମଧ ରାଜା ଦେଖିବେ ।

ଦିନେ ପ୍ରଜାବର୍ଗ-ରଚିତ-ବଳୟ ଭିତରେ ବନ୍ଦୀ ମୃଗମାନଙ୍କ ଆଡ଼େ ଅନାଇ କାହା ଉପରକୁ ତୀର ପ୍ରୟୋଗ କରିବେ ରାଜା ସେ କଥା ଭାବୁଛନ୍ତି, ତାଙ୍କର ଦୃଷ୍ଟି ଗୋଟିଏ ମୃଗ ଉପରେ ଯାଇ ଅଟକିଗଲା । ତାହା ମୃଗଟିଏ ନା କୌଣସି ଅସାଧାରଣ ପ୍ରତିଭା ସମ୍ପନ୍ନ ଶିଳ୍ପୀ ନିର୍ମିତ ଏକ ହିରଣ୍ମୟ ମୂର୍ତ୍ତି ? ଏଡ଼େ ଉଜ୍ଜ୍ୱଳ, ଏଡ଼େ ସୁଦର୍ଶନ, ଏଡ଼େ ପ୍ରଶାନ୍ତ କୌଣସି ବନ୍ୟପ୍ରାଣୀ ହେବା ସମ୍ଭବ ?

ରାଜା ଧିରେ ଧିରେ ସେ ମୃଗ ଆଡ଼େ ଅଗ୍ରସର ହେଲେ । ମୃଗ ରହିଲା ଅବିଚଳିତ । ବିସ୍ମିତ ରାଜା ତାକୁ ପ୍ରଶ୍ନ କଲେ, "ତୁମେ କିଏ ?" କହିବା ବାହୁଲ୍ୟ, ତାକୁ ମୃଗ ବୋଲି ଜାଣୁଥିବା ସତ୍ତ୍ୱେ ପ୍ରଶ୍ନଟି ସ୍ୱତଃସ୍ଫୁତ ଭାବରେ ଉଚ୍ଚାରିତ ହେଲା-

"ମହାରାଜ ! ମୁଁ ଏ ମୃଗଦଳର ହତଭାଗ୍ୟ ଦଳପତି ।"

"ତୁମେ ହତଭାଗ୍ୟ କାହିଁକି ହେବ ? ଆଜି ଠାରୁ ତୁମେ ମୋର ମିତ୍ର ।" ପାତ୍ରମନ୍ତ୍ରୀଙ୍କ ଆଡ଼େ ଦୃଷ୍ଟିପାତ କରି ରାଜା ତତ୍‌ପର କହିଲେ "ଏ ଦଳପତିଙ୍କ ଦେହରେ ଯେପରି କସ୍ମିନ କାଳେ ଆଞ୍ଚ୍ ନଆସେ ।"

"ମହାରାଜ !" ମୃଗ ଦଳପତି କହିଲା, "ଆପଣଙ୍କର ଦୈନିକ ଲୋଡ଼ା ମାତ୍ର ଗୋଟିଏ ମୃଗ । ଆପଣ ଯେତେବେଳେ ତୀର ଉଦ୍ୟତ କରନ୍ତି, ସେତେବେଳେ ଭୀତ ମୃଗମାନେ ପ୍ରାଣ ବିକଳରେ ଏତେତେଣେ ଦୌଡ଼ାଦୌଡ଼ି କରି କ୍ଷତବିକ୍ଷତ ହୁଅନ୍ତି । ଜଣେ ଆଉ ଜଣଙ୍କ ପଛରେ ଆତ୍ମଗୋପନ କରିବାକୁ ଉଦ୍ୟମ କରିବା ଫଳରେ ଶୃଙ୍ଗାଘାତରେ ପ୍ରତ୍ୟହ ଏକାଧିକ ମୃଗ ଆହତ ହୁଅନ୍ତି । ମୋର ପ୍ରସ୍ତାବ, ପ୍ରତିଦିନ ଗୋଟିଏ ଗୋଟିଏ ମୃଗ ଯାଇ ସେ ଶିଳା ଉପରେ ମୁଣ୍ଡ ରଖିବେ । ଆପଣଙ୍କ କର୍ମଚାରୀ ସିଧାସଳଖ ତାକୁ ହାଣି ପକାଇବେ । ଶିକାର ଜନିତ କ୍ଳେଶରୁ ବି ଆପଣଙ୍କୁ ଛୁଟି ମିଳିଯିବ ।"

ଶିକାର ରାଜାଙ୍କ ପାଇଁ କ୍ଳେଶ ପରିବର୍ତ୍ତେ ଆମୋଦର ହେତୁ ଥିଲା । ମଣିଷ ମନର ଏ ବିଚିତ୍ର ତଥ୍ୟ ବା ନିରୀହ ମୃଗକୁ କାହିଁକି ଜ୍ଞାତଥିବ ! ରାଜା ହୁଏତ ଟିକିଏ ଦ୍ୱିଧା କଲେ; କିନ୍ତୁ ସେ ମହାମତି ମୃଗ ଆଖିରେ ନିଜ ଆଖି ପଡ଼ନ୍ତେ ତାଙ୍କ ପାଟିରୁ ବାହାରିଗଲା, "ବେଶ୍ ! ତାହା ହିଁ ହେବ ।"

ଅରଣ୍ୟର ସେ ମୁଲକରେ ରାଜକୀୟ ଶିକାର ବନ୍ଦହେଲା । ବଦଳରେ ଘଟିଲା ପ୍ରତ୍ୟହ ଏକ ଅଭାବନୀୟ, କିନ୍ତୁ ଅଣନାଟକୀୟ ମୃଗବଧ । ରାଜାଙ୍କ ମଣୋହି ସମ୍ପୃକ୍ତ ଜଣେ ଦୁଇଜଣ କର୍ମଚାରୀ ଖଡ୍‌ଗହସ୍ତେ ପାଷାଣ ଖଣ୍ଡିକ ପାଖରେ ଆସି ଅପେକ୍ଷା କରିବେ । ଅଦୂରରେ ସମବେତ ମୃଗଯୂଥ ଠୁଁ ବିଦାୟ ନେଇ ଗୋଟିଏ ଧିରେ ଧିରେ ଆସି ସଜଳ ନୟନରେ ଅପେକ୍ଷାରତ ଖଡ୍‌ଗଧାରୀଙ୍କୁ ଅନାଇ ଶିର ଅବନତ କରିବ ଏବଂ ମୁହୂର୍ତ୍ତରେ ପ୍ରାଣ ଦେବ ।

କେଉଁ ରୀତିରେ ମୃଗମାନେ ପ୍ରତିଦିନର ବଳି ମନୋନୟନ କରୁଥିଲେ ଜଣାନାହିଁ । ଦିନେ ଗୋଟିଏ ମୃଗୁଣୀର ପାଳି ପଡ଼ିଲା । ସେ ଗୋଟିଏ ପରେ ଗୋଟିଏ ମୃଗକୁ ବିନୟ ଭରେ କହିଲା, "ମୁଁ ଅନ୍ତଃସତ୍ତ୍ୱା । ଆଜି ମୋ ବଦଳରେ ଆଉ କେହି ପ୍ରାଣ ଦେଉ । ମୋ ଶାବକ ଜନ୍ମ ହେବାର ଦୁଇମାସ ପରେ ମୁଁ ଯାଇ ବଳି ପଡ଼ିବି ।"

ମୃଗୁଣୀ ଯେଉଁମାନଙ୍କ ଆଗରେ ଏ ଆବେଦନ କରୁଥିଲା, ସେ ସମସ୍ତଙ୍କର ବଳି ତାରିଖ ସ୍ଥିରୀକୃତ ହୋଇସାରିଥାଏ । ତଥାପି ଦିନକ ଆଗରୁ ମଧ କେହି ପ୍ରାଣ ତ୍ୟାଗ କରିବାକୁ ପ୍ରସ୍ତୁତ ନ ଥିଲେ ।

ଯୂଥପତି ହିରଣ୍ମୟ ହରିଣଙ୍କ କାନରେ ହଠାତ ମୃଗୁଣୀର ଏ ଆକୁଳ ନିବେଦନ ପଡ଼ିଲା । ସେ ବାହାରି ଆସି କହିଲେ, "କନ୍ୟା ! ଚିନ୍ତାନାହିଁ । ତୋ ସ୍ଥାନ ଆଜି ମୁଁ ନେବାକୁ ପ୍ରସ୍ତୁତ ।" ଅବିଳମ୍ବେ ସେ ଯାଇ ଶିଳା ପାଖରେ ପହଞ୍ଚିଲେ । ରାଜକର୍ମଚାରୀମାନେ କିନ୍ତୁ ତାଙ୍କୁ ବଧ କରିବାକୁ ସାହସ କଲେ ନାହିଁ । କଟୁଆଳ ଠୁଁ ମନ୍ତ୍ରୀ, ମନ୍ତ୍ରୀଙ୍କଠୁଁ ଖବର ପହଞ୍ଚିଲା ରାଜାଙ୍କ ପାଖରେ । ରାଜା ଆସି ପହଞ୍ଚିଲେ ଘଟଣା ସ୍ଥଳରେ । ହିରଣ୍ମୟ ମୃଗକୁ ଆଉଁସି ସେ ପ୍ରଶ୍ନ କଲେ, "ମିତ୍ର ! ତୁମର ଜୀବନ ନେବି, ମୁଁ କ'ଣ ଏଡ଼ିକି ଅଧମ ?"

– ମହାରାଜ ! ମୁଁ କିନ୍ତୁ ନିଜକୁ ବଡ଼ ଅଧମ ମଣିବି, ଯଦି

ଅନ୍ତଃସତ୍ତ୍ୱା ମୃଗଣୀଟିକୁ ରକ୍ଷା କରି ନ ପାରିବି । କହିଲା ଯୂଥପତି ।

– ଆଜି ମୋର ମୃଗମାଂସ ଲୋଡ଼ା ନାହିଁ । ମୃଗଣୀକୁ କେବେ ମଧ୍ୟ ଜୀବନ ଦେବାକୁ ପଡ଼ିବ ନାହିଁ । ରାଜା କହିଲେ ।

– ମହାରାଜ ! ଆପଣଙ୍କ ପ୍ରତି ମୁଁ କୃତଜ୍ଞ । କିନ୍ତୁ ତଥାପି ଅନୁରୋଧ କରୁଛି, ମୋର ପ୍ରାଣ ନିଅନ୍ତୁ । ଯୂଥପତି ଆବେଦନ କଲେ ।

– କାହିଁକି ? ପ୍ରଶ୍ନ କଲେ ବିସ୍ମିତ ରାଜା ।

– ମହାରାଜ ! ଆପଣ ମୋତେ ମିତ୍ର ବୋଲି ସମ୍ବୋଧନ କରି ଯେଉଁ ସମ୍ମାନ ଦେଇଛନ୍ତି, ସେ ସମ୍ମାନଜନକ ଆସନରେ ଥାଇ ମଧ୍ୟ ମୁଁ ମୋର ଅନୁଗତ ମୃଗମାନଙ୍କୁ ରକ୍ଷାକରି ପାରିବି ନାହିଁ । ପ୍ରତିଦିନ ଜଣ ଜଣ କରି ବଳି ପଡୁଥିବାର ଦୃଶ୍ୟ ଦେଖୁଥିବି, ଏହାଠାରୁ ବଳି ଅଭିଶାପ କ'ଣ ହୋଇପାରେ ? ଏଭଳି ଅଭିଶାପ, ଜୀବନର ଅବସାନ ଘଟାଇଲେ ହିଁ ଆପଣ ମୋର ପ୍ରକୃତ ମିତ୍ର ବୋଲି ଜାଣିବି ।

ହିରଣ୍ମୟ ମୃଗଙ୍କର ଏ ନିଷ୍କପଟ ବିବୃତିରେ ରାଜା କେତେକ ମୁହୂର୍ତ୍ତ ହତବାକ୍ ରହିଲେ । ତା'ପରେ ସେ କହିଲେ, "ମିତ୍ର ମୃଗରାଜ ! ତୁମର ପ୍ରାଣ ନେଇ ତୁମର ଯଥାର୍ଥ ମିତ୍ର ହେବା ଅପେକ୍ଷା ମହତ୍ତ୍ୱର ଅନ୍ୟ କୌଣସି ମାର୍ଗରେ କ'ଣ ମୁଁ ତାହା ହୋଇ ପାରିବି ନାହିଁ ? ଆଜିଠାରୁ ମୃଗବଧ ବନ୍ଦ ହେଲା । ବସ୍ତୁତଃ ମୃଗମାଂସ ପାଇଁ ମୋର ଆଉ ରୁଚି ନାହିଁ ।"

– ଧନ୍ୟବାଦ ମହାରାଜ ! ତଥାପି ମୋର ହୃଦୟର ଉଦ୍‌ବେଳନ କମୁନାହିଁ । କାରଣ ଆପଣଙ୍କ ପାତ୍ରମନ୍ତ୍ରୀ ଏ ଅରଣ୍ୟରେ ଅନ୍ୟାନ୍ୟ ପଶୁପକ୍ଷୀ ଶିକାର କରୁଥିବେ ଏବଂ ସେ ବିକଳ ଦୃଶ୍ୟ ମୋତେ ଦେଖିବାକୁ ପଡୁଥିବ ।

– "ହେ ମହାନ ମିତ୍ର ! ଆଜିଠାରୁ ଶିକାର ନିଷିଦ୍ଧ ।"

❖ ❖ ❖

**ପ୍ରାଣୀ ବିଚିତ୍ରା**

## ଗୋରୁ ଚାଲାଣ ବନ୍ଦ ପାଇଁ 'ଜୀବେ ଦୟା' ତରଫରୁ ଦାବି

ଟିଟିଲାଗଡ଼ର ସ୍ଥାନୀୟ ନିୟନ୍ତ୍ରଣ ବଜାର କମିଟି ଦ୍ୱାରା ପରିଚାଳିତ ଗୋରୁ ବଜାରରୁ ଗୋରୁ ଚାଲାଣ ବନ୍ଦ ଦାବିରେ 'ଜୀବେଦୟା' କମିଟି ତରଫରୁ ଏକ ସ୍ମାରକୀପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି । ସ୍ଥାନୀୟ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଏହି କେ.ବି.କେ. ଅଞ୍ଚଳର ୮୦ ଭାଗ ଲୋକ କୃଷି ସହିତ ଗୋପାଳନ ଉପରେ ନିର୍ଭର କରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି ।

ବାହ୍ୟ ରାଜ୍ୟରୁ ପ୍ରତ୍ୟହ ଦଲାଲମାନେ ଆସି ଅବାଧରେ ବେଆଇନ୍ ଭାବେ ଅନ୍ୟ ରାଜ୍ୟକୁ ଗୋରୁ ଚାଲାଣ କରି ସେଠି ଗାଈ, ଗୋରୁମାନଙ୍କୁ ହତ୍ୟା କରାଇ ଗୋମାଂସ ରପ୍ତାନି କରିବା ସହ ଚମଡ଼ା ମଧ୍ୟ ବିକ୍ରୟ କରାଯାଇଥାଏ । ଏହାକୁ ବିରୋଧ କରି ୩ ଦଫା ବିଶିଷ୍ଟ ଏକ ସ୍ମାରକପତ୍ର ପ୍ରେରଣ କରାଯାଇଛି । ଏହି ଦାବି ଗୁଡ଼ିକ ମଧ୍ୟରେ ଗୋ-ଚାଲାଣ ବନ୍ଦ କରିବା, ବାହ୍ୟ ରାଜ୍ୟରୁ ଆସୁଥିବା ଦଲାଲମାନଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ନୂତନ ଗୋଚର ଜମିମାନ ସୃଷ୍ଟି କରିବା ପ୍ରମୁଖ ଉଦ୍ଦିଷ୍ଟ ଥିଲା । ଏହି କମିଟିର ସଭାପତି ଶ୍ରୀକାନ୍ତ ସାହୁ ଯଦି ପ୍ରଶାସନ ତୁରନ୍ତ ପଦକ୍ଷେପ ନ ନିଏ ତେବେ କମିଟି ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି ପ୍ରକାଶ କରିଥିଲେ ।

(ସମୟ - ୨୬.୦୯.୦୬)

❖ ❖ ❖

## କିଛି ଗବେଷକଙ୍କ ଦୃଷ୍ଟିକୋଣରୁ....

ବଧ କରାଯାଉଥିବା ପଶୁଙ୍କ ଦାରୁଣ କ୍ରନ୍ଦନରୁ ଭୂମିକମ୍ପ ହୁଏ । ଏଷ୍ଟ୍ରୋ ଫିଜିକସ୍ (ଖଗୋଳ ପଦାର୍ଥ ବିଜ୍ଞାନ)ର କିଛି ବୈଜ୍ଞାନିକ ମିଶି ଏକ ପୁସ୍ତକ ଲେଖିଛନ୍ତି "ଦିସ ଥିଓରୀ ଅଫ ଅର୍ଥକ୍ୱେକସ୍ ।" ଡଃ ମଦନ ମୋହନ ବଜାଜ, ଡଃ ଇବ୍ରାହିମ ଓ ଡଃ ବିଜୟ ରାଜ ସିଂହ ଏଥିରେ ଲେଖିଛନ୍ତି ଲକ୍ଷ ଲକ୍ଷ ନିରୀହ ପ୍ରାଣୀଙ୍କ ହତ୍ୟାରେ ଧରଣୀ କ୍ରନ୍ଦନ କରେ ଓ ବଧ କରାଯାଉଥିବା ପଶୁଙ୍କ ଦାରୁଣ କ୍ରନ୍ଦନ ଓ ଚିତ୍କାର ଭୂମିକମ୍ପରେ ରୂପାନ୍ତରିତ ହୁଏ । ଋଷିଆର ପୁଶିନ ନଗରରେ ୧୯୯୪ ସେପ୍ଟେମ୍ବର ମାସରେ ହୋଇଥିବା ଆର୍ନ୍ତଜାତିକ ବିଜ୍ଞାନ ସମ୍ମିଳନୀରେ ଏହି ଗବେଷକମାନେ ଏହା ଉପରେ ଏକ ଗବେଷଣା ନିବନ୍ଧ ଉପସ୍ଥାପିତ କରିଥିଲେ ଯାହା ସେହି ସମ୍ମିଳନୀରେ ଉପସ୍ଥିତ ବୈଜ୍ଞାନିକ ମାନଙ୍କଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା । ଏହି ଗବେଷକମାନେ କହନ୍ତି ଯେ ଏକ ବଧଶାଳାରୁ ବାହାରୁଥିବା E.P.W. (Einstein Pain Waves)ର ଉର୍ଜା ୧୦୪୦ ମେଗାୱାଟ ଠାରୁ ଅଧିକ । ଭାରତରେ ୩୩,୦୦୦ ବଧଶାଳାରେ ପ୍ରତିଦିନ ଲକ୍ଷ ଲକ୍ଷ ପଶୁଙ୍କୁ କ୍ରୂର ଢଙ୍ଗରେ ବଧ କରାଯାଉଛି । ଏହି ହିସାବରୁ ଜଣାପଡୁଛି ଯେ ବିଦେଶକୁ ରପ୍ତାନି କରିବା ପାଇଁ ଭାରତରେ ପ୍ରତିଦିନ ୫୦୦୦ ଗାଈଗୋରୁଙ୍କୁ ହଲାଲ କରାଯାଉଛି ।

ସଂଗ୍ରାହକ - ଭିକାରୀ ସ୍ୱାଇଁ
ଆଜୀବନ ସଭ୍ୟ ଏସ.ପି.ସି.ଏ.

❖ ❖ ❖